**208**

**III**

**Total No. of Questions – 16**
**Total No. of Printed Pages – 4**

**Regd. No.** | | | | | | | | | | |

## Part – II

## ODIA, Paper-II

**(Second Language)**

*Time : 3 Hours ]* *[ Max. Marks : 100*

**ନିର୍ଦ୍ଦେଶ :** ପ୍ରତ୍ୟେକ ପ୍ରଶ୍ନର ଉତ୍ତର କ୍ରମାନ୍ୱୟ ଭାବରେ ଲେଖିବା ଉଚିତ । ଅନ୍ୟଥା ଉପଯୁକ୍ତ ନମ୍ବର ପାଇବାରୁ ବଞ୍ଚିତ ହେବେ ।

1. ଯେ କୌଣସି **ଗୋଟିଏ** ପ୍ରଶ୍ନର ଦୀର୍ଘ ଉତ୍ତର **ଶହେ ପଚାଶ (150)**ଟି ଶବ୍ଦ ମଧ୍ୟରେ ପ୍ରଦାନ କର । **8**

(କ) 'ଗ୍ରାମ୍ୟ ଶ୍ମଶାନ' କବିତା ଅବଲମ୍ବନରେ ଶ୍ମଶାନର ମହତ୍ତ୍ୱ ପ୍ରତିପାଦନ କର ।

(ଖ) 'ସ୍ଥୂଳ କଳେବର ନୁହଇ ଅମର' କବିତାରେ ରାମଚନ୍ଦ୍ରଙ୍କ ମାନସିକ ଦ୍ୱନ୍ଦ୍ୱ କିପରି ପ୍ରକଟିତ ହୋଇଛି ଦର୍ଶାଅ ।

2. ଯେ କୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର **ଶହେ ପଚାଶ (150)**ଟି ଶବ୍ଦ ମଧ୍ୟରେ ପ୍ରଦାନ କର । **8**

(କ) କ୍ଷମାର ମହତ୍ତ୍ୱ ଓ ଉପାଦେୟତା ବିଚାର କର ।

(ଖ) ଜାତୀୟ ଜୀବନ ଗଠନରେ ସାହିତ୍ୟର କି ଭୂମିକା ରହିଛି, ବିଚାର କର ।

3. ପୂର୍ବାପର ସଂପର୍କ ସୂଚାଇ କୋଣସି **ଗୋଟିଏ**ର ସରଳାର୍ଥ ଲେଖ । **4**

(କ) ବିଷ ପ୍ରାୟେ ପ୍ରେମ ପ୍ରସଙ୍ଗେ
ସଦା ଅରୁଚି ତାର,
ପୁରୁଷ କଥାକୁ ଡ଼ରେ ସେ
କରେ ଦୂରୁ ଜୁହାର ।

(ଖ) ବୁଝଇ କି କେବେ ଜନ୍ମଦାୟିନୀ ? ବୁଝଇ କି କେବେ ନାରୀ ?
ଅନ୍ତର ଯେବେ ଅଶ୍ରୁ – ଆବେଗେ ଫାଟି ପଡୁଥାଏ ଖାଲି ।

4. ପୂର୍ବାପର ସଂପର୍କ ସୂଚାଇ କୌଣସି **ଗୋଟିଏର** ସରଳାର୍ଥ ଲେଖ । 4

(କ) ଏବେ ତ ଆଉ ସେ ପୂର୍ବଜନ୍ମରେ ବିଶ୍ୱାସ ନାହିଁ, ତେଣୁ ଋଣକୁ ପାଟିରେ ପକାଇ ହାତ ପୋଛି ଲୋକେ ଆରାମରେ ବୁଲୁଛନ୍ତି ।

(ଖ) ଏ ରୋଗ ବାବା-ମା, ପୁଅ-ଝିଅ, ଶିକ୍ଷକ-ଛାତ୍ର ସମସ୍ତଙ୍କୁ ଗ୍ରାସ କରିଛି । ଫଳରେ ପ୍ରତ୍ୟେକ ଭାବୁଛନ୍ତି ଯେ ସେମାନେ ଜଣେ ଜଣେ ଦେବତା ଓ ଅନ୍ୟମାନେ ସମସ୍ତେ ଅସୁର ।

5. ଯେ କୌଣସି **ତିନୋଟି** ପ୍ରଶ୍ନର ଉତ୍ତର **ଦୁଇଟି** ବାକ୍ୟରେ ପ୍ରଦାନ କର । $3 \times 2 = 6$

(କ) ଉତ୍କଳକୁ ଏକ ଅଭିଶପ୍ତ ଦେଶ ବୋଲି କୁହାଯାଇଛି କାହିଁକି ?

(ଖ) 'ମୋ ମମତା ଏବେ ଛାଡ଼' ବୋଲି କିଏ, କାହାକୁ କହିଥିଲା ଓ କାହିଁକି ?

(ଗ) ରୂପର ଆକର୍ଷଣ କାହା କାହା ଠାରେ ପୂର୍ବରୁ ପ୍ରମାଣିତ ହୋଇଥିଲା ?

(ଘ) ଶ୍ମଶାନକୁ ଗ୍ରାମ୍ୟ ଜୀବନର ପରିଣତି ବୋଲି କାହିଁକି କୁହାଯାଇଛି ?

6. ଯେ କୌଣସି **ତିନୋଟି** ପ୍ରଶ୍ନର ଉତ୍ତର **ଦୁଇଟି** ବାକ୍ୟରେ ପ୍ରଦାନ କର । $3 \times 2 = 6$

(କ) ଭାରତୀୟ ସଂସ୍କୃତି ବିଷୟରେ ଗାନ୍ଧିଜୀ କ'ଣ କହିଥିଲେ ?

(ଖ) ତୁମ ପଠିତ ପ୍ରବନ୍ଧରେ ଦେବତା ମାନଙ୍କ ଚକ୍ରାନ୍ତ ସମ୍ବନ୍ଧରେ କ'ଣ କୁହାଯାଇଛି, ଦୁଇଟି ଉଦାହରଣ ଦିଅ ।

(ଗ) କ୍ଷମାକୁ କାହିଁକି ମହତ୍ତର ପ୍ରତିହିଂସା ବୋଲାଯାଏ ?

(ଘ) ଜାତୀୟ ଜୀବନର ତ୍ରିବିଧ ଉନ୍ନତି କ'ଣ କ'ଣ ?

7. ଯେ କୌଣସି **ଦୁଇଟି** ପ୍ରଶ୍ନର ଉତ୍ତର **ଦୁଇଟି** ବାକ୍ୟରେ ପ୍ରଦାନ କର । $2 \times 2 = 4$

(କ) ଗଦେଇ କେଉଁ ମାନଙ୍କୁ ଭଲ ପାଏ ଓ କାହିଁକି ?

(ଖ) ରାଓଙ୍କ ନମସ୍କାରର ପରିଣତି କ'ଣ ହେଲା ?

(ଗ) ସରକାରଙ୍କ ସାଙ୍ଗରେ ଦେଖା ହେବାକୁ ଚାହେଁ ବୋଲି କିଏ, କାହାକୁ କହିଲା ?

8. ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକର ଉତ୍ତର **ଗୋଟିଏ** ବାକ୍ୟରେ ପ୍ରଦାନ କର । $5 \times 1 = 5$

(କ) ପ୍ରେମର ଦେବତା କିଏ ?

(ଖ) ଗଙ୍ଗାଧର ମେହେରଙ୍କ ସର୍ବଶ୍ରେଷ୍ଠ କାବ୍ୟ ?

(ଗ) ଲାଙ୍ଗୁଳା ନରସିଂହ ଦେବ କେଉଁ ମନ୍ଦିର ନିର୍ମାଣ କରାଇଥିଲେ ?

(ଘ) ସଚ୍ଚିଦାନନ୍ଦ ରାଉତରାୟଙ୍କ ତୁମ ପଠିତ କବିତା ?

(ଙ) 'ବିଶ୍ୱ ଜୀବନ ପଥେ' ର ଅର୍ଥ କ'ଣ ?

9. ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକର ଉତ୍ତର **ଗୋଟିଏ** ବାକ୍ୟରେ ପ୍ରଦାନ କର । $5 \times 1 = 5$

(କ) ପ୍ରାଚୀନ ପୁରୁଷମାନଙ୍କ ସହିତ ଆମକୁ କିଏ ବାନ୍ଧି ରଖିଛି ?

(ଖ) 'କ୍ଷମା' ପ୍ରବନ୍ଧର ପ୍ରାବନ୍ଧିକ ?

(ଗ) ଆଦାମ୍ ଓ ଇଭ୍‌ଙ୍କ ପ୍ରସଙ୍ଗ କେଉଁ ଧର୍ମ ଗ୍ରନ୍ଥରେ ବର୍ଣ୍ଣନା କରାଯାଇଛି ?

(ଘ) ଗୋଲୋକ ବିହାରୀ ଧଳଙ୍କ ତୁମ ପଠିତ ପ୍ରବନ୍ଧ ?

(ଙ) ବିଶ୍ୱନାଥ କର କେଉଁ ଧର୍ମ ଗ୍ରହଣ କରିଥିଲେ ?

10. ଯେ କୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର **ଶହେ ପଚାଶ (150)**ଟି ଶବ୍ଦ ମଧ୍ୟରେ ପ୍ରଦାନ କର । 10

(କ) 'ବିଟ୍‌ଘର ଓ ରେଳଗାଡ଼ି' ଗଳ୍ପରୁ ଜହ୍ନର ଚରିତ୍ର ଚିତ୍ରଣ କର ।

(ଖ) ଏକ ଲଳିତ ହାସ୍ୟଧର୍ମୀ ଗଳ୍ପ ଭାବରେ 'ଅନେକ ସ୍ମିତହସ' ଗଳ୍ପକୁ ବିଚାର କର ।

11. ଯେ କୌଣସି **ଗୋଟିଏ** ବିଷୟରେ ପ୍ରବନ୍ଧ ଲେଖ । 12

(କ) ଯୌତୁକ ପ୍ରଥା

(ଖ) ସମ୍ବାଦ ପତ୍ର

(ଗ) ପରିବେଶ ପ୍ରଦୂଷଣ

12. କୌଣସି **ପାଞ୍ଚଟିର** ସଂକ୍ଷେପଣ କର । $5 \times 1 = 5$

ବିନତାଙ୍କ ପୁତ୍ର, ଶକ୍ତିଙ୍କର ଉପାସକ, ବ୍ୟାକରଣରେ ପଣ୍ଡିତ, ପଢ଼ିବାର ଇଚ୍ଛା, ମୂଳ ଠାରୁ ଚୂଳ ପର୍ଯ୍ୟନ୍ତ, ନାହିଁ ମମତା ଯାହାର, ଜନ୍ତୁ ସମ୍ବନ୍ଧୀୟ, ମୃତ୍ତିକା ଦ୍ୱାରା ନିର୍ମିତ

13. କୌଣସି **ପାଞ୍ଚଟିର** ଦୁଇଟି ଲେଖାଏଁ ସମାନାର୍ଥକ ଶବ୍ଦ (ପ୍ରତିଶବ୍ଦ) ଲେଖ । $5 \times 1 = 5$

ଦିବାକର, ରସା, ଶୈଳ, ଅମ୍ବୁଜ, ପାରାବାର, ରାଜୀବ, ସରିତ, ଜୀବନ

14. କୌଣସି **ପାଞ୍ଚଟିର** ଭ୍ରମ ସଂଶୋଧନ କର । $5 \times 1 = 5$

ପୁରସ୍କାର, ଉଣା, ଦ୍ୱନ୍ଦ, ତ୍ରିଭୁଜ, ସାହାସ, ଶିକ୍ଷୟତ୍ରୀ, ଶୀକାର, ବିଶ୍ୱସ୍ଥ

15. କୌଣସି **ପାଞ୍ଚଟିର** ଅର୍ଥଗତ ପାର୍ଥକ୍ୟ ଲେଖ । $5 \times 1 = 5$

ଶକ୍ତ – ସକ୍ତ, ବିମର୍ଶ – ବିମର୍ଷ, ପରହିତ – ପରିହିତ, ନାଶ – ନାସ, ଦ୍ୱିପ – ଦ୍ୱୀପ, ଜାତ – ଯାତ, କଳମ – କଲମ, ଅସୁର – ଅଶୂର

16. ଓଡ଼ିଆରେ ଅନୁବାଦ କର । 8

Rabindranath was married to Mrinalini Devi in 1883. He had a happy family life. During the next fifteen years they had two sons and three daughters. During this period he wrote many poems, songs, stories and plays. 'Ahalya' is one of the greatest poems. 'Sonar Bangla' is one of his most famous songs. His works reveal patriotism and love of villages and the common people. He wrote in the natural speech of the common man and brought dignity to simple words.

---